# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 21st February - 2026
*********************************

***Desk***

## ବଜେଟ୍

ଚଳିତ ବଜେଟ୍‌ରେ ସମାଜର ସବୁ ବର୍ଗର ଲୋକମାନଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ପୂରଣ କରିବା ସହିତ ରାଜ୍ୟକୁ ବିକାଶର ପଥରେ ଅଗ୍ରସର କରାଇବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବିଧାନସଭାରେ ବଜେଟ୍ ଉପସ୍ଥାପନ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବଜେଟ୍ ହେଉଛି ଏକ ସମୃଦ୍ଧ, ସଶକ୍ତ ଏବଂ ସମାବେଶୀ ଓଡ଼ିଶା ଗଠନ ଦିଗରେ ଏକ ସୁଦୃଢ଼ ଓ ନିର୍ଣ୍ଣାୟକ ପଦକ୍ଷେପ । ପ୍ରଧାନମନ୍ତ୍ରୀଙ୍କଦ୍ୱାରା ଉନ୍ମୋଚିତ ଭିଜନ-୨୦୩୬ ଓ ୨୦୪୭ ରାଜ୍ୟବାସୀଙ୍କପାଇଁ ଏକ ପଥପ୍ରଦର୍ଶକ । ଏହି ଲକ୍ଷ୍ୟକୁ ସାକାର କରିବାପାଇଁ ଭିତ୍ତିଭୂମି ବିକାଶ, ପୁଞ୍ଜିନିବେଶ, ନଗର ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ, ଭି.ବି. ଜି. ରାମ୍ ଜି., ଶ୍ରୀଜଗନ୍ନାଥ ବ୍ୟାଖ୍ୟା କେନ୍ଦ୍ର ପ୍ରତିଷ୍ଠା, ଶିଳ୍ପାୟନ, କୃଷି ଓ ଜଳସେଚନ ଆଦି କ୍ଷେତ୍ରଗୁଡ଼ିକରେ ବଜେଟ୍‌ରେ ପ୍ରାଥମିକତା ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ କରିଛନ୍ତି । ଚଳିତ ଆର୍ଥିକ ବର୍ଷଠାରୁ ନୂଆ ବଜେଟ୍‌ରେ ୨୦ ହଜାର କୋଟି ଟଙ୍କାର ଅଧିକ ବ୍ୟୟ ବରାଦ କରାଯାଇଛି ।

***Desk***

## ବଜେଟ୍ - କେନ୍ଦ୍ରମନ୍ତ୍ରୀ

୨୦୨୬-୨୭ ଆର୍ଥିକ ବର୍ଷପାଇଁ ବିଧାନସଭାରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଚଳିତ ବଜେଟ୍ ବିକଶିତ ଓଡ଼ିଶାପାଇଁ କଲ୍ୟାଣକାରୀ ଓ ଦୂରଦର୍ଶୀ ବଜେଟ୍ । ରାଜ୍ୟରେ କୃତ୍ରିମ ବୁଦ୍ଧିମତ୍ତା ମିଶନ ଭଳି ଯୋଜନା ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟକୁ ସାକାର କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସାମଜିକ ଗଣମାଧ୍ୟମରେ କହିଛନ୍ତି ।

***BBSR/R***

## ରାଜ୍ୟପାଳ - ପ୍ରତିଷ୍ଠା ଦିବସ

ବିବିଧତାରେ ଏକତା ହେଉଛି ଦେଶର ଶ୍ରେଷ୍ଠ ଶକ୍ତି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି । ଲୋକଭବନର ନୂତନ ଅଭିଷେକ ପ୍ରେକ୍ଷାଳୟଠାରେ ଗତକାଲି ଅରୁଣାଚଳ ପ୍ରଦେଶ ଏବଂ ମିଜୋରାମ ରାଜ୍ୟର ପ୍ରତିଷ୍ଠାଦିବସ ପାଳନ ଅବସରରେ ରାଜ୍ୟପାଳ କହିଛନ୍ତି, ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଏକ ଭାରତ ଶ୍ରେଷ୍ଠ ଭାରତ' ଦୃଷ୍ଟିକୋଣକୁ ସାକାର କରୁଛି ।

*IPR*

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ଚାଲିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ସୋମବାର ଫେବୃୟାରୀ ୨୩ ତାରିଖ ଦିନ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# ବି.ଏଡ୍. ଆବେଦନ

ଆସନ୍ତା ୨୦୨୬-୨୭ ଶିକ୍ଷା ବର୍ଷରୁ ଚାରି ବର୍ଷୀୟ ବି.ଏଡ୍. ପାଠ୍ୟକ୍ରମରେ ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ନାମଲେଖା ଜାତୀୟ ସ୍ତରରେ ପ୍ରବେଶ ପରୀକ୍ଷା ମାଧ୍ୟମରେ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ  ପ୍ରବେଶିକା ପରୀକ୍ଷା ପାଇଁ ଅନ୍‌ଲାଇନ୍ ଆବେଦନ ଚଳିତ ମାସ ୧୨ ତାରିଖରୁ ଆରମ୍ଭ ହୋଇଛି । ଆସନ୍ତା ମାର୍ଚ୍ଚମାସ ୧୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରିକୟା ଚାଲିବ ଏବଂ ଏପ୍ରିଲ୍ ମାସ ୧୭ ତାରିଖରେ ସର୍ବଭାରତୀୟ ସ୍ତରରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ।

*Kalahandi, Kendrapara/R*

## ଗ୍ରୀଷ୍ମପ୍ରଭାବ - ବୈଠକ

କଳାହାଣ୍ଡି ଜିଲ୍ଲାରେ ସମ୍ଭାବ୍ୟ ଗ୍ରୀଷ୍ମପ୍ରଭାବଜନିତ ପରିସ୍ଥିତିର ମୁକାବିଲାପାଇଁ ବିଭିନ୍ନ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପାନୀୟ ଜଳର ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବାମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମଧ୍ୟ ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହ ପରିଚାଳନା ସମ୍ପର୍କିତ ପ୍ରାକ୍-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିସ୍ଥିତିର ମୁକାବିଲାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲ୍ଲାପାଳ କହିଛନ୍ତି ।

*Nayagarh/R*

## ରକ୍ତହୀନତା - ଶିବିର

ଜାତୀୟ ଯୁବ ରେଡ୍‌କ୍ରସ୍ ସଂସ୍ଥା ଓ ନୟାଗଡ଼ ମଡେଲ୍ ଡିଗ୍ରୀ କଲେଜ ଆନୁକୂଲ୍ୟରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରକ୍ତହୀନତା ପ୍ରଭାବ ଆକଳନ ନିମନ୍ତେ ହିମୋଗ୍ଲୋବିନ୍‌ର ମାତ୍ରା ନିର୍ଣ୍ଣୟ ଉଦ୍ଦେଶ୍ୟରେ ଦିନିକିଆ

ଜିଲ୍ଲାସ୍ତରୀୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାର ୧୨ଟି ମହାବିଦ୍ୟାଳୟରୁ ୩୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ରକ୍ତନମୁନା ପରୀକ୍ଷା କରାଇଥିଲେ ।

*Desk*

## ହାଣ୍ଡିଭଙ୍ଗା ଯାତ୍ରା

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ଆଜି ହାଣ୍ଡିଭଙ୍ଗା ଯାତ୍ରା ଅନୁଷ୍ଠିତ ହେବ । ମଲିଆ ଓ ଖୁଣ୍ଟିଆ ସେବାୟତମାନେ ଠାକୁରଙ୍କର ଏହି ସେବା କରିବେ । ପ୍ରାୟ ୧୧ ବର୍ଷ ପରେ ଖୁଣ୍ଟିଆ ସେବାୟତମାନେ ମହାପ୍ରଭୁଙ୍କ ଏହି ସେବା କରିବେ ବୋଲି ଜଣାପଡ଼ିଛି ।

*Desk*

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

ବିଶ୍ୱରେ ଭାଷା ଏବଂ ସାଂସ୍କୃତିକ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ମାତୃଭାଷାକୁ ବଞ୍ଚାଇ ରଖିବା ପାଇଁ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ପାଳନ କରାଯାଉଛି। ହୃଦୟର ଆବେଗକୁ ଭାବପୂର୍ଣ୍ଣ ଭାବେ ବ୍ୟକ୍ତ କରୁଥିବା ଭାଷାକୁ ମାତୃଭାଷା କୁହାଯାଇଥାଏ। କବି ଗଙ୍ଗାଧର ମେହେରଙ୍କ କାଳଜୟୀ ପଙ୍‌କ୍ତିରେ କହିଛନ୍ତି, ‘ଉଚ୍ଚ ହେବାପାଇଁ କର ଯେବେ ଆଶା, ଉଚ୍ଚ କର

ଆଗେ ନିଜ ମାତୃଭାଷା।' ବିଶ୍ୱରେ ପ୍ରାୟ ୭ ହଜାର ଭାଷାରେ ଲୋକମାନେ କଥାବାର୍ତ୍ତା କରିଥାନ୍ତି। ଭାଷାବିତ୍‌ମାନଙ୍କର ଆକଳନ ଅନୁସାରେ, ଏହି ସଂଖ୍ୟା ମଧ୍ୟରୁ ଅର୍ଦ୍ଧାଧିକ ଭାଷା **ସଙ୍କଟାପନ୍ନ** ସମୟ ଦେଇ ଗତି କରୁଛି। ଚଳିତ ଶତାବ୍ଦୀ ବେଳକୁ  ପ୍ରାୟ ୧ ହଜାର ୫୦୦ ଭାଷା ସବୁଦିନ ପାଇଁ ଲୋକ ପାଇଯିବ। ଓଡ଼ିଶାର ମାଣ୍ଡ, ପରଜୀ, ପେଙ୍ଗୋ ଭାଷାଗୁଡ଼ିକ ଲୋପ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଚଳିତବର୍ଷ ଅନ୍ତର୍ଜାତୀୟ ମାତୃଭାଷା ଦିବସ ରଜତ ଜୟନ୍ତୀ ପାଳନ କରୁଛି। ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମାତୃଭାଷାର ସୁରକ୍ଷା ସହିତ ଏକ ସମୃଦ୍ଧ ଶୈକ୍ଷିକ ବାତାବରଣ ଗଢ଼ି ତୋଳିବାକୁ ସରକାରୀ ଏବଂ ବେସରକାରୀ ସ୍ତରରେ ପ୍ରୟାସ ଜାରି ରହିଛି। ଚଳିତ ବର୍ଷ ଅନ୍ତର୍ଜାତୀୟ ମାତୃଭାଷା ଦିବସର ବାର୍ତ୍ତା ରହିଛି **"ବହୁଭାଷୀ ଶିକ୍ଷା ଉପରେ ଯୁବପିଢ଼ିଙ୍କର ଭୂମିକା"** ।

*****